NATIONAL NEWS BULLETIN (ODIA)

23rd November - 2026

Evening Bulletin : 7.15 p.m.

****

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

ମୁଖ୍ୟ ସମ୍ବାଦ

- ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ଲକ୍ଷ୍ୟ ନେଇ ଭାରତ-ନେପାଳ ମଧ୍ୟରେ ୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ।

— ନେପାଳର ପୁନଃନିର୍ମାଣ ଏବଂ ଦୀର୍ଘକାଳୀନ ବିକାଶକୁ ଦୃଷ୍ଟିରେ ରଖି ୨୪ ହଜାର କୋଟି ନେପାଳୀ ମୁଦ୍ରାର ସହାୟତା ପ୍ୟାକେଜ୍ ଘୋଷଣା କଲେ ପ୍ରଧାନମନ୍ତ୍ରୀ ।

- ଓଡ଼ିଶାକୁ ଆସନ୍ତାକାଲିଠାରୁ ଦୁଇଦିନିଆ ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ।

- ଗ୍ରାମୀଣ ଜୀବିକା, ନିଯୁକ୍ତି ସୁଯୋଗ ଓ ଆୟ ବୃଦ୍ଧିରେ କୃଷିକ୍ଷେତ୍ର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରୁଛି; କହିଲେ କୃଷିମନ୍ତ୍ରୀ ।

ଏବଂ

- ହ୍ୱାଟ୍‌ସଆପ୍ ୱେବ୍ ବ୍ୟବହାର ସମୟରେ ସତର୍କତା ଅବଲମ୍ବନ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପରାମର୍ଶ ।

ପି.ଏମ୍. - ନେପାଳ ବାଇଲାଟେରାଲ୍

ଭାରତ ଓ ନେପାଳ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ଲକ୍ଷ୍ୟ ନେଇ ଆଜି ୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସେଗୁଡ଼ିକ ମଧ୍ୟରେ ସ୍ୱାସ୍ଥ୍ୟସେବା, ପାରମ୍ପରିକ ଔଷଧ, ସାଟେଲାଇଟ୍ ଯୋଗାଯୋଗ, ଦକ୍ଷତା ନିର୍ମାଣ ପାଇଁ ତାଲିମ ବ୍ୟବସ୍ଥା, ସ୍ଥାୟୀ ସହରାଞ୍ଚଳ ବିକାଶ, ଶିକ୍ଷା ଓ ଗବେଷଣା ଏବଂ ପ୍ରାଣୀସମ୍ପଦ ଓ ମତ୍ସ୍ୟପାଳନ ଆଦି ଅନ୍ତର୍ଭୁକ୍ତ । ନୂଆଦିଲ୍ଲୀରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ନେପାଳ ପ୍ରତିପକ୍ଷ ବାଲେନ୍ଦ୍ର ଶାହାଙ୍କ ମଧ୍ୟରେ ଆଲୋଚନା ବୈଠକ ପରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ବିଭିନ୍ନ ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ଉପରେ ଉଭୟ ନେତା ମତ ବିନିମୟ କରିଛନ୍ତି । ବାଣିଜ୍ୟ, ନିବେଶ, ଭିତ୍ତିଭୂମି ବିକାଶ, ସଂଯୋଗୀକରଣ, ସୀମା ପରିଚାଳନା, ଶିକ୍ଷା, ସଂସ୍କୃତି ଓ ଲୋକସମ୍ପର୍କ ଆଦି ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇଥିଲା । ବିକଶିତ ଭାରତ ଏବଂ ସମୃଦ୍ଧ ନେପାଳ ପାଇଁ ଉଭୟ ନେତା ମିଳିତ ଦୃଷ୍ଟିକୋଣ ପ୍ରକାଶ କରିଛନ୍ତି । ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ମୋଦି କହିଛନ୍ତି, ଉଭୟ ଦେଶ ମଧ୍ୟରେ ସମ୍ପର୍କ,

ଆତ୍ମୀୟତା ଓ ଅତୁଟ ବିଶ୍ୱାସ ଉପରେ ପର୍ଯ୍ୟବସିତ । ଉଭୟ ରାଷ୍ଟ୍ର ପରସ୍ପରର ପ୍ରଗତିରେ ସହଭାଗୀ ଏବଂ ଆହ୍ୱାନର ମୁକାବିଲା କ୍ଷେତ୍ରରେ ପାରସ୍ପରିକ ସମର୍ଥନ ଆଧାରରେ କାର୍ଯ୍ୟ କରିବାକୁ ସହମତ ହୋଇଥିବା ସେ କହିଛନ୍ତି । ଏହି ଅବସରରେ ଶ୍ରୀ ମୋଦି ନେପାଳର ପୁନଃ ନିର୍ମାଣ ଏବଂ ଦୀର୍ଘକାଳୀନ ବିକାଶକୁ ଦୃଷ୍ଟିରେ ରଖି ୨୪ ହଜାର କୋଟି ନେପାଳୀ ମୁଦ୍ରାର ଏକ ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି ।

Voice (PM - Joint Vision) :.....

ଶ୍ରୀ ମୋଦି କହିଛନ୍ତି, ବହୁବର୍ଷ ଧରି ଭାରତ ନେପାଳକୁ ପେଟ୍ରୋଲିୟମ୍ ଉତ୍ପାଦ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଆସୁଛି ।

ନେପାଳ ପ୍ରଧାନମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି, ଭାରତ' ନେପାଳର ଏକ ବିଶ୍ୱସ୍ତ ସହଯୋଗୀ । ସଙ୍କଟ ସମୟରେ ଭାରତ ସର୍ବଦା ନେପାଳର ପ୍ରଥମ ସହଯୋଗୀ ଭାବେ ସମର୍ଥନ ପ୍ରଦାନ କରିଆସିଛି । ଉଭୟ ଦେଶ ମଧ୍ୟରେ ବିମାନ ଯୋଗାଯୋଗକୁ ଅଧିକ ବ୍ୟାପକ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ଏହି ଅବସରରେ ଆଭାସୀ ମାଧ୍ୟମରେ ଉଭୟ ନେତା ଭାରତର ଧାରଚୁଲା ଏବଂ ନେପାଳର ଦରଚୁଲାକୁ ସଂଯୋଗ କରୁଥିବା ଏକ ସେତୁର ଉଦ୍ଘାଟନ କରିଛନ୍ତି । ଏଥିସହ ମୋତିହାରୀ-ଅମ୍ଲେଖଗୁଞ୍ଜ ପାଇପ୍ଲାଇନ୍‌କୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଦୁଇଦେଶ ମଧ୍ୟରେ ସରଯୁ-କମଲା ସାପ୍ତାହିକ ଟ୍ରେନ୍ ଚଳାଚଳର ଶୁଭାରମ୍ଭ ସହ ଉଭୟ ନେତା ଅନ୍ୟକେତେକ ବିକାଶମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

ପ୍ରେଜ୍ - ନେପାଳ ପି.ଏମ୍.

ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନରେ ଆଜି ନେପାଳ ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହା' ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇ ରାଷ୍ଟ୍ରପତି କହିଛନ୍ତି, ସଭ୍ୟତାଗତ ଐତିହ୍ୟ ଏବଂ ଲୋକସମ୍ପର୍କ ଦୁଇ ଦେଶ ମଧ୍ୟରେ ଦୃଢ଼ ସମ୍ପର୍କର ମୂଳଦୁଆ । ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଉପରେ ରାଷ୍ଟ୍ରପତି ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ପ୍ରେଜ୍ - ଓଡ଼ିଶା ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଗସ୍ତ ଅବସରରେ ରାଷ୍ଟ୍ରପତି କଟକର ଐତିହାସିକ ବାଲିଯାତ୍ରା ଉତ୍ସବର ଉଦ୍‌ଘାଟନୀ ସମାରୋହରେ ଯୋଗଦେବା ସହ ଭୁବନେଶ୍ୱରରେ ଆୟୋଜିତ ଜାତୀୟ ହୋମିଓପ୍ୟାଥିକ୍ ବୈଜ୍ଞାନିକ ସମ୍ମିଳନୀରେ ଅଂଶ୍ରଗହଣ କରିବେ । ପ୍ରଶାସନିକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତାକାଲି ଅପରାହ୍ଣ ସାଢ଼େ ୧୨ଟାରେ ରାଷ୍ଟ୍ରପତି ଏକ ସ୍ୱତନ୍ତ୍ର ବିମାନଯୋଗେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ । ସେଠାରୁ ସେ ସିଧାସଳଖ

ଲୋକଭବନ ଯାଇ ପରେ ସେଠାରୁ କଟକ ଅଭିମୁଖେ ଯାତ୍ରା କରିବେ । ମହାନଦୀରେ ଡଙ୍ଗାରେ ଯାତ୍ରାକରି ରାଷ୍ଟ୍ରପତି ବାଲିଯାତ୍ରା ପଡ଼ିଆରେ ପହଞ୍ଚିବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି । କଟକ ସିଲ୍‌ଭର ସିଟି ବୋଟ୍ କ୍ଲବ୍ ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର ଭାବେ ଏକ ଡଙ୍ଗା 'କଳିଙ୍ଗ ତରିଣୀ'କୁ ପ୍ରସ୍ତୁତ କରାଯାଇଛି । ବାଲିଯାତ୍ରା ଉଦ୍‌ଘାଟନୀ ସମାରୋହରେ ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ବ୍ରଜମୋହନ ରାମ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ ।

ଶିବରାଜ ପଭର୍ଟି

କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ଗ୍ରାମୀଣ ଜୀବିକା, ନିଯୁକ୍ତି ସୁଯୋଗ ଏବଂ ଆୟବୃଦ୍ଧିରେ କୃଷିକ୍ଷେତ୍ର ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି । ନୂଆଦିଲ୍ଲୀରେ ଆଜି ଭାରତରେ ଦାରିଦ୍ର୍ୟ ହ୍ରାସରେ କୃଷିର ଭୂମିକା ଏବଂ ଏହାର ଅବଦାନ ଉପରେ ଆୟୋଜିତ ଏକ କର୍ମଶାଳାକୁ ସମ୍ବୋଧନ କରି ସେ ଏହା କହିଛନ୍ତି । ସେ କହିଛନ୍ତି, ସରକାରୀ କଲ୍ୟାଣମୂଳକ ଯୋଜନା ମାଧ୍ୟମରେ ଦେଶର ପ୍ରାୟ ୫୦ କୋଟି ଲୋକ ଅତ୍ୟନ୍ତ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଛନ୍ତି ।

Voice (Shivraj - Poverty) :.....

କୃଷିଭିତ୍ତିକ ଯୋଜନାର କାର୍ଯ୍ୟାନ୍ୱୟନରେ ଉନ୍ନତି ଆଣିବା ଏବଂ ତୃଣମୂଳ ସ୍ତରରେ ଏହାକୁ ପହଞ୍ଚାଇବା ଉପରେ ମନ୍ତ୍ରୀ ଶ୍ରୀ ସିଂହ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସେ କହିଛନ୍ତି, ବିକଶିତ ଭାରତ ଗଠନରେ କୃଷକଙ୍କ ଆୟବୃଦ୍ଧି ଏବଂ ଗ୍ରାମୀଣ ଜୀବିକାରେ ଉନ୍ନତି ଆଣିବା ଜରୁରୀ ।

ସୀତାରମଣ - ପ୍ରିବଜେଟ୍

ଆଗାମୀ କେନ୍ଦ୍ରୀୟ ବଜେଟ୍ ପ୍ରସ୍ତୁତି ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଆଜି ଏକାଦଶ ପ୍ରାକ୍ ପରାମର୍ଶଦାତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଗବେଷଣା ଏବଂ ବିକାଶ ଓ ଉଚ୍ଚଶିକ୍ଷା କ୍ଷେତ୍ରର ବିଶେଷଜ୍ଞ ଏଥିରେ ଅଂଶଗ୍ରହଣ କରି ନିଜ ନିଜର ମତ ଉପସ୍ଥାପନ କରିଛନ୍ତି । ବୈଠକରେ ଅର୍ଥନୈତିକ ବ୍ୟାପାର ବିଭାଗ, ଶିକ୍ଷା ମନ୍ତ୍ରଣାଳୟ, ବାୟୋଟେକ୍ନୋଲୋଜି ବିଭାଗର ସଚିବ ଏବଂ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଡକ୍ଟର ଭି. ଅନନ୍ତ ନାଗେଶ୍ୱରନ୍ ଯୋଗ ଦେଇଥିଲେ । ପୂର୍ବରୁ ଆଜି ଅନୁଷ୍ଠିତ ଦଶମ ପ୍ରାକ୍ ପରାମର୍ଶ ବୈଠକରେ ଅର୍ଥମନ୍ତ୍ରୀ' ସ୍ୱାସ୍ଥ୍ୟ ଓ ସାମାଜିକ କ୍ଷେତ୍ରର ବିଶେଷଜ୍ଞ ଏବଂ ଅଂଶୀଦାରଙ୍କ ସହ ମତ ବିନିମୟ କରିଥିଲେ ।

ହ୍ୱାଟ୍‌ସଆପ୍ ୟୁଜର୍ ଆଡ୍‌ଭାଇଜରୀ

ହ୍ୱାଟ୍‌ସଆପ୍ ୱେବ୍ ବ୍ୟବହାର ସମୟରେ ସତର୍କତା ଅବଲମ୍ବନ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପରାମର୍ଶ ଦେଇଛି । ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର - I4C ପକ୍ଷରୁ ଜାରି କରିଥିବା ପରାମର୍ଶବଳୀରେ ହ୍ୱାଟ୍‌ସଆପ୍ ୱେବ୍ ମାଧ୍ୟମରେ ସରକାରୀ, ସଙ୍ଗଠନମୂଳକ, ଆର୍ଥିକ ତଥା ଅନ୍ୟାନ୍ୟ ସମ୍ବେଦନଶୀଳ ସୂଚନା ଆଦାନ ପ୍ରଦାନଠାରୁ ଦୂରେଇ ରହିବାକୁ କୁହାଯାଇଛି । ଜାତୀୟ ସାଇବର ଅପରାଧ ଆହ୍ୱାନ ବିଶ୍ଳେଷଣ ୟୁନିଟ୍ ଦେଇଥିବା ସୂଚନା ଅନୁଯାୟୀ ପ୍ରମାଣିକୃତ ହ୍ୱାଟ୍‌ସଆପ୍ ୱେବ୍ ସେସନ ବ୍ୟବହାର ମାଧ୍ୟମରେ ଜଣେ ଉପଭୋକ୍ତାଙ୍କ ହ୍ୱାଟ୍‌ସଆପ୍ ଆକାଉଣ୍ଟକୁ ଅନଧିକୃତ ପ୍ରବେଶ ସମ୍ଭବ ହୋଇପାରିବ । ଏହା ଉପଭୋକ୍ତାଙ୍କ ପାଇଁ କ୍ଷତିକାର ହୋଇପାରେ । ତେଣୁ ବ୍ୟବହାର ପରେ ହ୍ୱାଟ୍‌ସଆପ ୱେବ୍‌କୁ ସାଇନ୍ ଆଉଟ୍ କରିବାକୁ ଉଚିତ । ସନ୍ଦେହାତ୍ମକ ଆପ୍‌କୁ ଡାଉନ୍‌ଲୋଡ୍ କିମ୍ବା ଅଜଣା ଫାଇଲ୍‌କୁ ଉନ୍ମୁକ୍ତ ନ କରିବାକୁ ପରାମର୍ଶବଳୀରେ ଉଲ୍ଲେଖ କରାଯାଇଛି ।

ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଅଭିଯାନର ପଞ୍ଚମ ପର୍ଯ୍ୟାୟ ଏବଂ ବରିଷ୍ଠ ନାଗରିକଙ୍କପାଇଁ ପେନ୍‌ସନ୍ ସେବାର ସରଳୀକରଣ** ଉପରେ ଏକ ଆଲୋଚନା ପ୍ରଚାର କରାଯିବ । ଡି.ଓ.ପି.ପି.ଡବ୍ଲ୍ୟୁ. ବିଭାଗର ଯୁଗ୍ମସଚିବ ଧ୍ରୁବଜ୍ୟୋତି ସେନ୍‌ଗୁପ୍ତ ଏବଂ ୟୁ.ଆଇ.ଡି.ଏ.ଆଇ.ର ଉପମହାନିର୍ଦ୍ଦେଶକ ଅଭିଷେକ କୁମାର ସିଂହ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ Xରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସିଗୁଡ଼ିକରେ ପ୍ରଚାରିତ ହେବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air officialରେ ମଧ୍ୟ ଏହା ଉପଲବ୍ଧ ହେବ।

ଇଫି ୨୬-ଆଇ.ଆଇ.ସି.ଟି. ୱାକମ୍

ସୃଜନଶୀଳ ପ୍ରଯୁକ୍ତିବିଦ୍ୟା ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଭାରତ-ଜାପାନ ସହଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି । ଗୋଆରେ ଚାଲିଥିବା ୫୭ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଅବସରରେ ଭାରତୀୟ ସୃଜନଶୀଳ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ - ଆଇ.ଆଇ.ସି.ଟି. ଏବଂ ୱାକମ୍ ଇଣ୍ଡିଆ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି । ଭାରତୀୟ ଛାତ୍ରଛାତ୍ରୀଙ୍କୁ ବୃତ୍ତିଗତ ସୃଜନଶୀଳ ସାମଗ୍ରୀ, ଶିଳ୍ପ ନେତୃତ୍ୱାଧୀନ ତାଲିମ ଏବଂ ବିଶ୍ୱ ସ୍ତରରେ ପ୍ରତିଭା ପ୍ରଦର୍ଶନପାଇଁ ଏହି ଚୁକ୍ତିପତ୍ର ସହଯୋଗ ପ୍ରଦାନ କରିବ । ଚୁକ୍ତିନାମା ଅନୁଯାୟୀ କେତୋଟି ବିଷୟ ଆଧାରରେ ୩ଟି ଦୁଇବର୍ଷିଆ ଡିପ୍ଲୋମା କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏଥିରେ ନାମ ଲେଖାଇଥିବା ୧୮ ଜଣ ଛାତ୍ରଛାତ୍ରୀଙ୍କୁ ଟିଉସନ୍ ଫି'ର ପଚାଶ ପ୍ରତିଶତ ବୃତ୍ତି ଆକାରରେ ପ୍ରଦାନ କରାଯିବ । ଏହି ଦୁଇଟି ପ୍ରତିଷ୍ଠାନ ମିଳିତ ଭାବେ ଡିଜିଟାଲ୍ ଚିତ୍ର ପ୍ରସ୍ତୁତି, କଳାକ୍ଷେତ୍ର, ଆନିମେସନ୍, ଗେମିଂ ସହ ଜଡ଼ିତ ଏକ ବିଶ୍ୱସ୍ତରୀୟ ବିଦ୍ୟାର୍ଥୀ ପୋର୍ଟଫୋଲିଓ ପ୍ରଦର୍ଶନୀର ମଧ୍ୟ ବିକାଶ କରିବା ନେଇ ସହମତ ହୋଇଛନ୍ତି ।

*****